# ଦିଲ୍ଲୀ ସରକାରଙ୍କର ଜଳ ସବସିଡ଼ି

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା ରାଜ୍ୟସଭା**

ଦିଲ୍ଲୀରେ ବର୍ତ୍ତମାନ ଜଳ ପାଇଁ ଯେଉଁ ସବସିଡ଼ି ଦିଆଯାଉଅଛି ତାହା ଠିକ ବ୍ୟକ୍ତିଙ୍କୁ ଦିଆ ଯାଉନାହିଁ ଓ ତାହାର ପରିମାଣ ମଧ୍ୟ ଅନିର୍ଦ୍ଧିଷ୍ଟ ଅଟେ । ଉକ୍ତ ସବସିଡ଼ି ମାଧ୍ୟମରେ ସରକାର କ୍ରୟ ମୂଲ୍ୟ ହ୍ରାସ କରିପାରିବେ ନାହିଁ ବରଂ କର ଦାତାଙ୍କ କରକୁ ସବସିଡ଼ି ଆକାରରେ କୌଣସି ଗୋଟିଏ ବିଭାଗକୁ ଦିଆଯାଇ ସବସିଡ଼ି ବୃଦ୍ଧି ପାଇବା ସହ କରଦାତାଙ୍କ କର ମଧ୍ୟ ବୃଦ୍ଧି ପାଇଚାଲିବ । ଯଦିଓ ଏହା କିଛି ଦିନ ପାଇଁ ଲାଭ ଜନକ ମନେ ହେବ ହେଲେ ଦେଶର ଭବିଷ୍ୟତକୁ ଆହୁରି ଋଣଗ୍ରସ୍ଥ କରିଦେବ । ଏଥିରେ ସମାଜର ଯେଉଁ ଦୁର୍ବଳ ଶ୍ରେଣୀର ଜନତାଙ୍କୁ ଆଦୌ ଅନ୍ତର୍ଭୁକ୍ତ କରାଯାଇନାହିଁ, ସେମାନଙ୍କୁ ଜଳ ସବସିଡ଼ି ଦିଆଯିବା ନିହାତି ଜରୁରୀ । ସେଠାକାର ପ୍ରତ୍ୟେକ ଅଞ୍ଚଳରେ ପାଇପ ଲାଇନ ବସାଇବା, ପ୍ରତି ଘରେ ଟ୍ୟାପ ବସାଇବା ମଧ୍ୟ ନିତ୍ୟାନ୍ତ ଆବଶ୍ୟକ । ଦିଲ୍ଲୀର ବହୁ ଅଞ୍ଚଳ ଯେଉଁଠି ପାଇପ ଲାଇନ ନାହିଁ, ଯେଉଁଠାରେ ଟ୍ୟାପ ବା ମିଟର ନାହିଁ, ଦିଲ୍ଲୀର ଏମ.ଡ଼ି.ଏମ.ସି ଅଞ୍ଚଳରେ ସ୍ୱଳ୍ପ ରୋଜଗାର କରୁଥିବା ଲୋକ ବାସ କରୁଥିବା ଅଞ୍ଚଳର ଜନତା ମଧ୍ୟ ଉକ୍ତ ସୁବିଧା ଲାଭ କରିପାରୁ ନାହାନ୍ତି ।

ଦିଲ୍ଲୀରେ ମୋଟ ୧୮ ଲକ୍ଷ ଜଳ ସଂଯୋଜକ ରହିଅଛି । ସେଥିରୁ ୮.୫ ଲକ୍ଷର ମିଟର ରହିଛି, ୫ ଲକ୍ଷର ମିଟର ଖରାପ ଓ ଅବଶିଷ୍ଟର ମିଟର ନାହିଁ । ବହୁ ଅନୁନ୍ନତ ଅଞ୍ଚଳରେ ଜଳ ଯୋଗାଣ ବ୍ୟବସ୍ଥା ନଥିବା ବେଳେ ସେମାନେ ମୁକ୍ତ ଜଳ ଯୋଗାଣ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ନୁହନ୍ତି ଓ ସେମାନେ କେବଳ ଟ୍ୟାଙ୍କର ଉପରେ ନିର୍ଭର କରନ୍ତି । ବହୁ କଲୋନୀରେ ପାଇପ ଲାଇନ ଯାଇ ନଥିବା ବେଳେ ସେମାନେ ମଧ୍ୟ ମୁକ୍ତ ଜଳ ଯୋଗାଣ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ନୁହନ୍ତି । ବହୁ କୋପରେଟିଭ ହାଉସିଂ ସୋସାଇଟିରେ ବ୍ଲକ ସଂଯୋଜକ ରହିଛି ଓ ସେମାନେ ମଧ୍ୟ ମୁକ୍ତ ଜଳ ଯୋଗାଣ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ନୁହନ୍ତି । ବହୁ ମଧ୍ୟ ବିତ୍ତ ଜନତା ଯେଉଁମାନେ ଦୈନିକ ୬୬୬ ଲିଟରରୁ କମ ଜଳ ଖର୍ଚ୍ଚ କରୁଛନ୍ତି, ସେମାନଙ୍କୁ ହିଁ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଅଛି । ଯେଉଁମାନେ ତାହାଠାରୁ ଅଧିକ ଖର୍ଚ୍ଚ କରୁଛନ୍ତି ସେମାନଙ୍କ ପାଇଁ ଟିକସ ୧୦% ଅଧିକ ରଖାଯାଇଛି । ହେଲେ ପ୍ରତ୍ୟେକ କ୍ଷେତ୍ରରୁ ଦେଖିବାକୁ ଗଲେ ଦିଲ୍ଲୀର ଦୁର୍ବଳ ତଥା ଦରିଦ୍ର ଜନତାଙ୍କୁ ଉକ୍ତ ଯୋଜନାରେ ପୂରାପୂରି ଅଣଦେଖା କରାଯାଇଅଛି ।